**ପିତାଗୁଡାରେ ମହାମାୟୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ**

ସେମିଳିଗୁଡା, (ସ୍ୱ. ପ୍ର.): ସେମିଳିଗୁଡା ବ୍ଲକ ପିତାଗୁଡା ଗ୍ରାମରେ ମା' ମହାମାୟୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ କରୋନା କଟକଣା ମଧ୍ୟରେ ଆରମ୍ଭ ହୋଇଛି। ପ୍ରତିଷ୍ଠା ଉତ୍ସବର ସମସ୍ତ ପୂଜାର୍ଚ୍ଚନା ସହ ହୋମ ଯଜ୍ଞକୁ ମୁଖ୍ୟ ପୂଜକ ଭାବେ ବିନାୟକ ମିଶ୍ର ତୁଲାଇଥିଲେ। ମନ୍ଦିର ରତ୍ନମୁଦ କାର୍ଯ୍ୟ ଶେଷ ହୋଇଛି। ଗୁରୁବାର ମହାମାୟୀ ମାଙ୍କ ବିଗ୍ରହ ସ୍ଥାପନା ହେବ ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ଉପେନ୍ଦ୍ର ନାୟକ କହିଛନ୍ତି।

## ସଂକ୍ଷେପରେ

### ଚାରିଦିନ ପାପଡ଼ାହାଣ୍ଡି ଶଟ୍‌ଡାଉନ

ପାପଡାହାଣ୍ଡି,୨୭।୪(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦର ମହକୁମାରେ ଦୈନନ୍ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଏହାକୁ ନଜରରେ ରଖି ସରପଞ୍ଚ ରଶ୍ମିତା ଭତରା ଚାରି ଦିନ ପାଇଁ ପାପଡାହାଣ୍ଡିକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଗୁରୁବାରରୁ ରବିବାର (୨୯ରୁ ମେ ୨) ପର୍ଯ୍ୟନ୍ତ ପାପଡାହାଣ୍ଡି ଶଟ୍‌ଡାଉନ୍ ରହିବ। ଲୋକଙ୍କ ଅସୁବିଧାକୁ ଆଖି ଆଗରେ ରଖି ଦୋକାନ ବଜାର କେଉଁ ସମୟରେ ଖୋଲା ରଖିବା ସେ ନେଇ ବୁଧବାର ନିଷ୍ପତି ନିଆଯିବ ବୋଲି ପଞ୍ଚାୟତ ପକ୍ଷରୁ ସୂଚନା ମିଳିଛି। ପତ୍ର ସଂଖ୍ୟା ୨୧/୨୧ରେ ଏନେଇ ଜନ ସାଧାରଣଙ୍କୁ ଅବଗତ କରାଇବା ସହ ଏହାର ଖିଲାପ କଲେ ଆଇନ ଅନୁଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରାଯାଇଛି।

### ୭୭ କରୋନା ପଜିଟିଭ ଚିହ୍ନଟ

ରାୟଗଡା ଅଫିସ, ୨୭।୪: ରାୟଗଡ଼ା ଜିଲାରୁ ମଙ୍ଗଳବାର ୭୭ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସହରାଞ୍ଚଳରେ ମହାମାରୀ ସଂକ୍ରମଣ ସହରବାସୀଙ୍କ ମୁଣ୍ଡବିନ୍ଧା କାରଣ ପାଲଟିଛି। ସେମାନଙ୍କ ମଧ୍ୟରୁ ରାୟଗଡ଼ା ପୌରାଞ୍ଚଳରେ ସର୍ବାଧିକ ୩୬ଜଣ କରୋନା ରୋଗୀ ଚିହ୍ନଟ ହୋଇଥିବା ସ୍ଥଳେ ଗ୍ରାମାଞ୍ଚଳରୁ ୬ ଜଣ ଆକ୍ରାନ୍ତ ବାହାରିଛନ୍ତି। ସେହିଭଳି ମୁନିଗୁଡାରୁ ୨, ଗୁଣୁପୁର ସହରାଞ୍ଚଳରେ ୧୬, ବିଷମକଟକ ଓ କାଶୀପୁରରୁ ଜଣେ ଲେଖାଏ ପଜିଟିଭ ବାହାରିଛନ୍ତି। ସେହିଭଳି ରାମନାଗୁଡାରୁ ୩, ପଦ୍ମପୁର ୬, କଲ୍ୟାଣସିଂହପୁରରୁ ୨ ଓ ଗୁଡାରୀରୁ ୪ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଜିଲାରେ ଏବେ ୭୭୨ଟି ସକ୍ରିୟ ମାମଲା ରହିଛି।

### ସଂରକ୍ଷିତ ଜଙ୍ଗଲରେ ଚାଷ କରି ଜଣେ ଗିରଫ



କୋଡିଙ୍ଗା,୨୭।୪(ଡି.ଏନ୍.ଏ.): ସନ୍ତୋଷପୁର ସଂରକ୍ଷିତ ଜଙ୍ଗଲରେ ଚାଷ କରିବା ଅଭିଯୋଗରେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡିଙ୍ଗା ବନ ବିଭାଗ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଘୋଡ଼ା ଧନୁଆଁ ଗାଁର ଆଶାରାମ ଭତ୍ରା। ସୂଚନା ଅନୁଯାୟୀ, ସନ୍ତୋଷପୁର ସଂରକ୍ଷିତ ଜଙ୍ଗଲରେ ଗଛ କଟାଯାଇ ଚାଷ କରାଯାଉଥିବା ଖବର ବନ ବିଭାଗକୁ ମିଳିଥିଲା। କୋଡିଙ୍ଗା ରେଞ୍ଜର ଆଶିଷ କୁମାର କହଁରଙ୍କ ଅଧ୍ୟକ୍ଷତାରେ ଏକ ଦଳ ସେଠାରେ ଚଢ଼ାଉ କରିଥିଲା। ଏହି ସମୟରେ ଆଶାରାମ ଟ୍ରାକ୍ଟର ସାହାଯ୍ୟରେ ହଳ କରୁଥିଲେ। ବନ ବିଭାଗ ଆଶାରାମଙ୍କୁ ଗିରଫ କରିଥିଲା। ବନ ବିଭାଗ ପକ୍ଷରୁ ୧୪/୨୧ରେ ମାମଲା ରୁଜୁ କରାଯାଇ ଆଶାରାମଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉବେଳେ ରେଞ୍ଜରଙ୍କ ସହ କୋଷାଗୁମୁଡ଼ା ଫରେଷ୍ଟର ବି. ଉମେଶ୍ୱର ନାଇଡୁ, କୋଡିଙ୍ଗା ଫରେଷ୍ଟର ପି.କେ. ପାଢ଼ୀ, ଗାର୍ଡ ବସନ୍ତ ନାୟକ, ଦୀପକ ପ୍ରଧାନ, ତାପସ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

# ସୌର, ପବନଶକ୍ତିରେ ଚାଲୁଛି ସେଚ ପ୍ରକଳ୍ପ

ନବରଙ୍ଗପୁର,୨୭।୪(ବି.ପ୍ର.)

- ରାଜ୍ୟରେ ପ୍ରଥମ
- ଦିନକୁ ୨୦ ହଜାର ଲିଟରରୁ ଉର୍ଦ୍ଧ୍ୱ ପାଣି ବାହାରୁଛି
- ଦୈନିକ ୧୦ ଏକରରୁ ଅଧିକ ଜମିକୁ ଜଳସେଚିତ କରୁଛି





ଜଣେ ଚାଷୀ ଫସଲରେ ପାଣି ମଡ଼ାଉଛନ୍ତି।

ବିଦ୍ୟୁତ୍ ନ ଥାଇ ସୌର ଓ ପବନ ଶକ୍ତି ଦ୍ୱାରା ପାଣିମଟର ଚଳାଇ ଜମିକୁ କରାଯାଉଛି ଜଳସେଚନ । ଗୋଟିଏ ପ୍ରକଳ୍ପରୁ ଦୈନିକ ୨୦ହଜାର ଲିଟର ପାଣି ଜମିକୁ ପହଞ୍ଚା ଯାଇପାରୁଛି। ସାଉଥ୍ ଆଫ୍ରିକା ଜ୍ଞାନକୌଶଳରେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପାତ୍ରପୁଟରେ ନିର୍ମିତ ହୋଇଛି ରାଜ୍ୟର ପ୍ରଥମ ୱିଣ୍ଡ–ସୋଲାର ହାଇବ୍ରିଡ୍ ପ୍ରୋଜେକ୍ଟ; ଯାହା ଚାଷୀଙ୍କୁ ଉପକୃତ କରୁଛି।

ନବରଙ୍ଗପୁର ଜିଲାକୁ ୨୦୧୮ ମସିହାରେ କୃଷି ଓ କୃଷିଭିତ୍ତିକ ଆର୍ଥିକ ବିକାଶ ପାଇଁ ମଡେଲ ଜିଲାଭାବେ ଗ୍ରହଣ କରାଯାଇ ଦେଶର ୧୨ଟି ଗବେଷଣା ସଂସ୍ଥା ଏଠାରେ କାର୍ଯ୍ୟ କରିଆସୁଛି। ଖଣିଜ ବସ୍ତୁ ବିଜ୍ଞାନ ପ୍ରତିଷ୍ଠାନ ସଂସ୍ଥା ପକ୍ଷରୁ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ପାତ୍ରପୁଟଠାରେ ତ୍ରିନାଥ ଅମାନତ୍ୟଙ୍କ ଚାଷଜମିରେ ପରୀକ୍ଷାମୂଳକ ଭାବେ ସରକାରଙ୍କ ତରଫରୁ ପ୍ରାୟ ୧୩ ଲକ୍ଷ ଟଙ୍କା ବ୍ୟୟକରି ୱିଣ୍ଡ–ସୋଲାର ହାଇବ୍ରିଡ୍ ପ୍ରୋଜେକ୍ଟ ସ୍ଥାପନ କରାଯାଇଛି। ସିଏସ୍‌ଆଇଆର୍–ଆଇଏମ୍ଏମ୍‌ଟିର ମୁଖ୍ୟ ବୈଜ୍ଞାନିକ ସନ୍ତୋଷ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପ ଗତ ୯ ତାରିଖରେ ଆରମ୍ଭ ହୋଇଛି; ଯାହା ସମ୍ପୂର୍ଣ୍ଣ କମ୍ପ୍ୟୁଟର ଦ୍ୱାରା ପରିଚାଳିତ। ଏକ ଲମ୍ବା ଖୁଣ୍ଟ ପୋତାଯାଇ ଏହାର ଶୀର୍ଷରେ ବଡ଼ ପଙ୍ଖା ଓ ପାଖରେ ସୋଲାର ପ୍ଲେଟ୍ ଲଗାଯାଇଛି। ଦିନ ବେଳେ ସୌରଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ ହୋଇ ପାଣି ମଟର ଚାଲୁଛି। ପବନ ହେଲେ ବଡ଼ ପଙ୍ଖା ବୁଲି ବୁଲି ବିଦ୍ୟୁତ୍ ଉତ୍ପାଦନକରି ପାଣି ମୋଟର ଚାଲୁଥିବା ଦେଖିବାକୁ ମିଳିଛି। ଯଦି କୌଣସି କାରଣରୁ ୨ଟି ଯାକ ବିଫଳ ହେଲେ ବିଦ୍ୟୁତ୍‌ରେ ମଧ୍ୟ ଏହି ପ୍ରକଳ୍ପ ଯେପରି ଚାଲିପାରିବ ତାହାର ବ୍ୟବସ୍ଥା କରାଯାଇଛି । ଏହି ପ୍ରକଳ୍ପ ଦ୍ୱାରା ଦିନକୁ ୨୦ହଜାର ଲିଟରରୁ ଉର୍ଦ୍ଧ୍ୱ ପାଣି ବାହାରି ପ୍ରାୟ ୧୦ ଏକରରୁ ଅଧିକ ଜମିକୁ ଜଳସେଚିତ କରୁଛି। ଏହି ପ୍ରକଳ୍ପରେ ୫ଏଚ୍‌ପିର ମୋଟର ଚାଲିପାରୁଥିବା ବେଳେ ବର୍ତ୍ତମାନ ପରୀକ୍ଷାମୂଳକ ଭାବେ ୨ଏଚ୍‌ପି ମୋଟର ଲଗାଯାଇଛି।

କେଶବ ଅମାନତ୍ୟଙ୍କ ସମେତ ତାଙ୍କ ଜମି ପାଖରେ ଲାଗିରହିଥିବା ପାତ୍ରପୁଟ ଗ୍ରାମର ଅନ୍ୟ ତିନି ଜଣ ଚାଷୀ ଏହି ପ୍ରକଳ୍ପ ଯୋଗୁ ଲାଭବାନ ହେଉଛନ୍ତି। ନବରଙ୍ଗପୁରର ଉଠାଜଳସେଚନ ବିଭାଗ ଦ୍ୱାରା ସେଠାରେ ଏକ ଗଭୀର ନଳକୂପ ଖନନ କରାଯାଇଛି । ବର୍ତ୍ତମାନ ୪ଜଣ ଚାଷୀ ମିଳିତ ଭାବରେ ୯ଏକର ଜମିରେ ମକା, ପିଆଜ, ଆମ୍ବ, ଲେମ୍ବୁ ଆଦି ଚାଷ କରିଥିବା ବେଳେ ଆଗକୁ ଲଙ୍କା, ଆଳୁ, ଧାନ, ମାଣ୍ଡିଆ, ଆଖୁଚାଷ କରିବା ଲକ୍ଷ୍ୟ ରହିଛି। ନବରଙ୍ଗପୁର ଜିଲାରେ କେବଳ ଭାସ୍କେଲ ଜଳସେଚନ ପ୍ରକଳ୍ପକୁ ଛାଡି ଦେଲେ କୌଣସି ହେଲେ ମଧ୍ୟମ ଜଳସେଚନ ପ୍ରକଳ୍ପ ନାହିଁ। ଇନ୍ଦ୍ରାବତୀରୁ ଟନେଲ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ବର୍ତ୍ତମାନ ସୁଦ୍ଧା କେନ୍ଦ୍ରୀୟ ଜଳ ଆୟୋଗରେ ଅନୁମତି ପାଇଁ ପଡି ରହିଛି। ଏଭଳି ସମୟରେ ଯଦି ଓଡ଼ିଶାରେ ପ୍ରଥମ ଭାବେ ନିର୍ମିତ ହୋଇଥିବା ଏହି ପ୍ରକଳ୍ପ ଚାଷୀଙ୍କୁ ଯଥେଷ୍ଟ ପାଣି ଯୋଗାଇଦେବାରେ ସଫଳ ହେବ ତା'ହେଲେ ସାରା ରାଜ୍ୟରେ ଏହା କାର୍ଯ୍ୟକାରୀ କରାଯିବ ବୋଲି ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର କହିଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ଉଠା ଜଳସେଚନ ବିଭାଗ ଦ୍ୱାରା ଗଭୀର ନଳକୂପ ଖୋଳାଯାଇଛି। କିନ୍ତୁ ବିଦ୍ୟୁତ୍ ସମସ୍ୟା ଯୋଗୁ ଜମିଗୁଡିକରେ ନିୟମିତ ପାଣି ଯୋଗାଇବାରେ ତାହା ବିଫଳ ହେଉଛି। ଚାଷୀ କ୍ଷତି ସହୁଛନ୍ତି। ଏହି ପ୍ରକଳ୍ପ ଯଦି ସଫଳ ହେବ ତା'ହେଲେ ଜିଲାର ଅନେକ ଚାଷୀ ଏଥିରେ ଉପକୃତ ହେବେ ବୋଲି ଆଶା କରାଯାଉଛି।

# ସରିଲା ମା' ମାଝିଘରିଆଣୀଙ୍କ ଚୈତ୍ରପର୍ବ

ରାୟଗଡା ଅଫିସ, ୨୭।୪



- ବିନା ଭକ୍ତରେ ହେଲା ପୂଜା
- ମନ୍ଦିର ବେଢ଼ାରେ ଅସ୍ଥାୟୀ ମଣ୍ଡପ, ଘଟ କଳସ ସ୍ଥାପନ ହୋଇଥିଲା

ମା' ମାଝିଘରିଆଣୀଙ୍କ ଚୈତ୍ରପର୍ବ ମଙ୍ଗଳବାର ଶେଷ ହୋଇଛି। କୋଭିଡ୍ କଟକଣାରେ ବିନା ଭକ୍ତରେ ୩ ଦିନ ଧରି ମା'ଙ୍କ ଏହି ପର୍ବ ପାଳନ କରାଯାଉଥିଲା। ମନ୍ଦିର ଭିତରେ ଅସ୍ଥାୟୀ ମଣ୍ଡପ, ଘଟ କଳସ ସ୍ଥାପନ କରାଯାଇଥିଲା। ସେଠାରେ ପାରମ୍ପରିକ ରୀତିନୀତିରେ ପୂଜାର ନୀତିକାନ୍ତି ସମ୍ପନ୍ନ କରାଯାଇଛି। ମନ୍ଦିର ବେଢ଼ାରେ ମା'ଙ୍କର ଘଟ ପରିକ୍ରମା କରାଯାଇଥିଲା। ଅଳ୍ପ ସଂଖ୍ୟକ ପୂଜକଙ୍କୁ ନେଇ ଏହି ପର୍ବ ପାଳନ ହୋଇଥିଲା। କୋଭିଡ୍ ଗାଇଡ୍‌ଲାଇନରେ ପୂଜା କାର୍ଯ୍ୟ କରାଯାଉଛି ନା ନାହିଁ ତାହା ଦେଖିବାକୁ ଜିଲାସ୍ତରୀୟ ଅଧିକାରୀମାନେ ମନ୍ଦିରକୁ ଆସିଥିବା ମୁଖ୍ୟ ପୂଜକ କହିଛନ୍ତି।

# କୋଭିଡ୍ କେୟାର କେନ୍ଦ୍ର ଲୋକାର୍ପିତ



ଲୋକାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଚନ୍ଦାହାଣ୍ଡି, ୨୭।୪(ଡି.ଏନ୍.ଏ.)

ଚନ୍ଦାହାଣ୍ଡି ବ୍ଲକ ହଲଦୀ ଗ୍ରାମସ୍ଥିତ କସ୍ତୁରାବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଶହେ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର କେନ୍ଦ୍ରକୁ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମଙ୍ଗଳବାର ଲୋକାର୍ପଣ କରିଛନ୍ତି। ଏହାପରେ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସଂଗ୍ରାମ କେଶରୀ ସାହୁଙ୍କୁ ହସ୍ତାନ୍ତର କରାଯାଇଥିବା ବିଡିଓ ଧର୍ମରାଜ ମାଝି କହିଛନ୍ତି। ଏଠାରେ ୩୦ଟି ଅକ୍ସିଜେନ ସିଲିଣ୍ଡର ମହଜୁଦ ରହିଛି। ଡାକ୍ତର ବିଜୟଲକ୍ଷ୍ମୀ ପ୍ରଧାନ, ଫାର୍ମାସିଷ୍ଟ ସଞ୍ଜୀବ ପାତ୍ର, ଶେଷଦେବ ମୁଣ୍ଡା, ନିର୍ମଳ ପାଲ, ଦିବାକର ନାୟକ, ଆୟୁଷ ଡାକ୍ତର ରାଜେନ୍ଦ୍ର ମେହେର, ସଞ୍ଜୀବ କୁମାର କିସ୍ପୋଟାଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। ଡାକ୍ତରଖାନାରେ ଏକ କଣ୍ଟ୍ରୋଲ ରୁମ୍‌ର ବ୍ୟବସ୍ଥା କରାଯିବା ସହ ଏକ ଜରୁରିକାଳୀନ ଫୋନ ନମ୍ବର ରହିବ ବୋଲି ଡାକ୍ତର ସାହୁ ସୂଚନା ଦେଇଛନ୍ତି। ଏହି ଅବସରରେ ବିଡିଓ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଏମ୍‌ପିଙ୍କ ଜିଲା ପ୍ରତିନିଧି ପ୍ରମୋଦ ପାଢ଼ୀ, ଡାକ୍ତର ବସନ୍ତ ଷଡ଼ଙ୍ଗୀ, ସୁପରଭାଇଜର ପ୍ରଦୀପ ପତି ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି ପାଇଁ ହାଣ୍ଡି ଧରି ପ୍ରତିବାଦ କଲେ ମହିଳା



ମହିଳାମାନେ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ଜଣାଉଛନ୍ତି।

ଗୁଣପୁର,୨୭।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ପୌରାଞ୍ଚଳର କେତେକ ଅଞ୍ଚଳରେ ଏବେ ପାନୀୟ ଜଳ ସମସ୍ୟା ଗୁରୁତର ରୂପ ନେଇଛି। ବିଭିନ୍ନ ସ୍ଥାନକୁ ଦୁଇଦିନରେ ଥରେ ପାଣି ଆସୁଥିବାବେଳେ ଆଉ କେତେକ ଅଞ୍ଚଳକୁ ପାନୀୟ ଜଳ ଆସୁ ନ ଥିବା ଅଭିଯୋଗ ହୋଇଛି। ଗୁଣପୁର ସହରରେ ପାନୀୟ ଜଳ ସମସ୍ୟା ଉତ୍କଟ ହେଉଥିବାବେଳେ ୧୬ ନଂ. ୱାର୍ଡ ରାମକୃଷ୍ଣପୁର ସାହି ଅଞ୍ଚଳର ମହିଳାମାନେ ମଙ୍ଗଳବାର ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଆଗରେ ହାଣ୍ଡି ଧରି ପ୍ରତିବାଦ ଜଣାଇଥିଲେ। ବର୍ଷେ ହେବ ସେମାନେ ଏଭଳି ଅସୁବିଧା ଭୋଗୁଥିବା ସାହି ବାସିନ୍ଦା କହିଛନ୍ତି। ଅଭିଯୋଗ କଲେ ମଧ୍ୟ ସମାଧାନ ହେଉନାହିଁ। ପୁରୁଣା ବିକ୍ରମପୁର ଅଞ୍ଚଳରେ ଜଳଯୋଗାଣ ପ୍ରକଳ୍ପ ରହିଛି। ରାମକୃଷ୍ଣପୁର ଉଚ୍ଚା ଅଞ୍ଚଳରେ ରହିଛି। ତେଣୁ ସେମାନଙ୍କ ସାହିକୁ ପାଣି ଆସୁ ନ ଥିବା ମହିଳାମାନେ କହିଛନ୍ତି। ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସହକାରୀ ଯନ୍ତ୍ରୀ ବିଷ୍ଣୁପ୍ରସାଦ ଅଗ୍ରୱାଲ ପ୍ରତିଶ୍ରୁତି ଦେଇଛନ୍ତି।

# ୭ ଦୋକାନ, ହୋଟେଲ୍ ସିଲ୍, ଜରିମାନା

## କରୋନା କଟକଣା ମାନୁ ନ ଥିଲେ

ରାୟଗଡା ଅଫିସ, ୨୭।୪

ରାୟଗଡା ସହରରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଛି। କୋଭିଡ୍ ନିୟମ କଡ଼ାକଡ଼ି ପାଳନ କରିବାକୁ ଜିଲାପାଳ ସରୋଜ କୁମାର ମିଶ୍ର ଜାରି କରିଛନ୍ତି ଗାଇଡ୍‌ଲାଇନ। କିନ୍ତୁ କିଛି ଦୋକାନୀ, ବ୍ୟବସାୟୀ ଏହାକୁ ମାନୁ ନାହାନ୍ତି। ପୌର ପ୍ରଶାସନ ପକ୍ଷରୁ ସେହି ଦୋକାନଗୁଡିକୁ ଅନିର୍ଦ୍ଦିଷ୍ଟ କାଳ ଯାଏ ସିଲ୍ କରିବା ସହ ଜରିମାନା ଆଦାୟ କରାଯାଇଛି। ସହରରେ ଥିବା ମେନ ମାର୍କେଟରେ ଏକ ସୁନା ଦୋକାନ, ଜୟରାମ ଟେକ୍ସଟାଇଲକୁ ସିଲ୍ କରାଯାଇ ୧୦୦୦ ଟଙ୍କା ଲେଖାଏ ଜରିମାନା ଆଦାୟ ହୋଇଛି। ରାଧିକା ଲୁଗା ଦୋକାନ, ଜ୍ୟୋତି ମହଲ ଛକରେ ଥିବା ଆୟାପା ହୋଟେଲ, ମେନ୍‌ରୋଡ଼ରେ ଥିବା ଏକ ବାସନ ଦୋକାନ, ଅଶୋକ ଜେନେରାଲ ଷ୍ଟୋର, ଜୟରାମ ଏଣ୍ଟର ପ୍ରାଇଜେସ୍‌କୁ ମଧ୍ୟ ସିଲ୍ କରାଯାଇଛି। ସଂକ୍ରମଣ ବଢୁଥିବାରୁ ଆଗାମୀ ଦିନରେ ଜିଲା ପ୍ରଶାସନ କଡ଼ାପଦ ପଦକ୍ଷେପ ଗ୍ରହଣ କରିବ। ତେଣୁ ପ୍ରସାଶନ ପକ୍ଷରୁ ଜାରି ହୋଇଥିବା କୋଭିଡ୍ କଟକଣାକୁ ମାନିବାକୁ ଜିଲାପାଳ ସରୋଜ କୁମାର ମିଶ୍ର ତାଗିଦ୍ କରିଛନ୍ତି। ଏଥିସହ ଆବଶ୍ୟକ ନ ଥିଲେ ଘରୁ ନ ବାହରିବାକୁ ପରାମର୍ଶ ଦେଇଥିଲେ। ବାହାରକୁ ଯିବାବେଳେ ମାସ୍କ, ବ୍ୟବହାର କରିବାକୁ କୁହାଯାଇଛି। ଏଥିସହ ସାନିଟାଇଜର ଓ ହାତ ଧୋଇବାକୁ ପରାମର୍ଶ ଦିଆଯାଇଛି।

# କାର୍‌ରୁ ମିଳିଲା ଗଞ୍ଜେଇ, ୨ଗିରଫ





ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନେ।

ପାପଡାହାଣ୍ଡି/ମଇଦଲପୁର, ୨୭।୪,(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ପୋଲିସ ଗାଡି ଯାଞ୍ଚ କରିବାବେଳେ ଗୋଟିଏ କାର୍‌ରୁ ୨୫କିଲୋ ୬୦୦ଗ୍ରାମ ଗଞ୍ଜେଇ ମିଳିଛି। ଗଞ୍ଜେଇ ଚଲାଣ ଅଭିଯୋଗରେ ପୋଲିସ କୋରାପୁଟ ପାଡୁଆ ଅଞ୍ଚଳର ଉଦ୍ଧବ ଖିଲ (୨୧) ଓ ନର୍ମଦା ଦାସ (୧୯)ଙ୍କୁ ଗିରଫ କରିଛି। ସେମାନେ ଓଆର୍–୦୫ୟୁ–୯୧୯୨) ଗାଡ଼ିରେ କଳାହାଣ୍ଡିକୁ ଗଞ୍ଜେଇ ନେଇ ଯାଉଥିଲେ ବୋଲି ପୋଲିସ କହିଛି। ତହସିଲଦାର ଅନନ୍ତ ପଣ୍ଡା, ଏସ୍‌ଡିପିଓ ଆଦିତ୍ୟ ସେନ, ପାପଡାହାଣ୍ଡି ଥାନାଧିକାରୀ ଶୁଭେନ୍ଦୁ ଶବର, ମଇଦଲପୁର ଫାଣ୍ଡି ଅଧିକାରୀ ଅନାମ ଦିଆନଙ୍କ ଉପସ୍ଥିତିରେ ଗଞ୍ଜେଇ ଚାଲାଣ ହୋଇଥିଲା। ପୋଲିସ ୫୯/୨୧ରେ ମାମଲା ରୁଜୁ କରିଛି।

# ଯୁବକଙ୍କ ଝୁଲନ୍ତା ଗଳିତ ମୃତଦେହ ଜବତ

ନବରଙ୍ଗପୁର,(ବି.ପ୍ର.)/ ନନ୍ଦାହାଣ୍ଡି, ୨୭।୪

- ପ୍ରାଥମିକ ତଦନ୍ତରୁ ହତ୍ୟା ସନ୍ଦେହ
- ମୃତକଙ୍କ ପରିଚୟ ମିଳିନି
- ଗୋଟି ଦିନ ପୂର୍ବରୁ ଉକ୍ତ ରାସ୍ତାରେ ଆଉ ଏକ ମୃତଦେହ ମିଳିଥିଲା

ନବରଙ୍ଗପୁର ଦଶହରାପଦା ଦେଇ ପଡ଼ାଲଗଡ଼ା ଯାଇଥିବା ରାସ୍ତାକଡ଼ର ଏକ କଣ୍ଟାବୁଦା ଭିତରୁ ଜଣେ ଯୁବକଙ୍କ ଝୁଲନ୍ତା ଗଳିତ ମୃତଦେହ ମିଳିଛି। ନନ୍ଦାହାଣ୍ଡି ବ୍ଲକ ପଡ଼ାଲଗୁଡ଼ା ସରପଞ୍ଚ ଥାନାରେ ଅଭିଯୋଗ କରିବା ପରେ ନବରଙ୍ଗପୁର ପୋଲିସ ଓ କଳାହାଣ୍ଡି ଜିଲାରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିବା ସହିତ ତଦନ୍ତ ଚଳାଇଛି। ଯୁବକଙ୍କ ପରିଚୟ ମିଳିନାହିଁ। ମୃତଦେହ ଏଯାଏ ଗଛରୁ ଓହ୍ଲାଯାଇନାହିଁ। ପୋଲିସ ୧୪/୨୧ରେ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ, ଗତ ୨୫ ତାରିଖରେ ମଧ୍ୟ ଉକ୍ତ ରାସ୍ତାର ୬୦୦ ମିଟର ଦୂରରେ ଥିବା ଏକ ଗଛରୁ କୋଷାଗୁମୁଡ଼ା ବ୍ଲକ କେରାଗାଁ ନିକଟ ସହିଲ ଲବିଆଗୁଡ଼ା ଗାଁର ଟିନା ଗଉଡ଼ (୩୨)ଙ୍କର ମୃତଦେହ ମିଳିଥିଲା। ମଙ୍ଗଳବାର ପୁଣି ଏକ ମୃତଦେହ ମିଳିଛି। ଏହି ଘଟଣା ଓ ପୂର୍ବ ଘଟଣା ପାଖାପାଖି ସମୟର ହୋଇଥାଇପାରେ ବୋଲି ପୋଲିସ ଓ ସାଇଣ୍ଟିଫିକ ଟିମ୍ ଅନୁମାନ କରୁଛି। ଦୁଇ ମୃତଦେହ ପାଦରେ ଜୋତା ନ ଥିଲା। ମଙ୍ଗଳବାର ମିଳିଥିବା ମୃତଦେହରେ କୌଣସି କପଡ଼ା ନାହିଁ। ମୁହଁର କେତେକାଂଶରେ ମାଂସ ନ ଥିବା ଓ ଶରୀରରେ କ୍ଷତ ଚିହ୍ନ ରହିଛି। ଏ ସମସ୍ତ ଘଟଣାକୁ ଅନୁଧ୍ୟାନ ଏହି ଘଟଣା ହତ୍ୟା ଆଡ଼କୁ ସୂଚାଉଛି ବୋଲି ପୋଲିସ କହିଛି।

# ସ୍ୱଚ୍ଛ ସମାଜ ଗଠନରେ ପାରାଲିଗାଲ ଭଲ୍ୟୁଣ୍ଟିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାୟଗଡ଼ା ଅଫିସ, ୨୭।୪

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପାରାଲିଗାଲ ଭଲ୍ୟୁଣ୍ଟିୟରଙ୍କୁ ନେଇ ୱେବିନାର ଜରିଆରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ରାୟଗଡ଼ା ଜିଲା ଦୌରା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ମଳୟ ରଞ୍ଜନ ଦାସ ଉଦ୍‌ଘାଟନ କରିଥିଲେ। କରୋନା ମହାମାରୀ ସମୟରେ ପାରାଲିଗାଲ ଭଲ୍ୟୁଣ୍ଟିୟରମାନଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକୁ ପ୍ରଶଂସା କରିବା ସହ ଆଗକୁ ତାହା ଜାରି ରଖିବାକୁ ଜିଲା ଜଜ୍ କହିଥିଲେ। ଏକ ପରିବର୍ତ୍ତନଶୀଳ, ସୁସ୍ଥ ଓ ସ୍ୱଚ୍ଛ ସମାଜ ଗଠନ ଦିଗରେ ପାରାଲିଗାଲ ଭଲ୍ୟୁଣ୍ଟିୟରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ମନୋରଞ୍ଜନ ମିଶ୍ର କହିଥିଲେ। ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ସେ ଆଲୋକପାତ କରିଥିଲେ। ବର୍ତ୍ତମାନ ସମୟରେ ନିଜେ ସୁରକ୍ଷିତ ରହି ଜଣେ ଦୂତ ହିସାବରେ ଘରେ ଘରେ କରୋନା ସଚେତନତା ବାର୍ତ୍ତା ପହଞ୍ଚାଇବା ଦିଗରେ ଯଥାସମ୍ଭବ ପ୍ରୟାସ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା।



ୱେବିନାରରେ ସାମିଲ ହୋଇଥିବା ଅତିଥି ଓ ଅନ୍ୟମାନେ।

# ଧବୁଲୁ, କଳାବତୀଙ୍କ ପାଖରେ ସରକାରୀ ଯୋଜନା ଅପହଞ୍ଚ

ଉମରକୋଟ, ୨୭।୪(ସ୍ୱ.ପ୍ର.)

- ଭଙ୍ଗା, ଅଧା ଛପର ଘରେ କଟୁଛି ଦିନ
- ଆଜି ଯାଏ ହୋଇପାରିନି ରାଶନ, ଆଧାର କାର୍ଡ



ନିଜ ଭଙ୍ଗା ଘର ଆଗରେ ଧୁବୁଲୁ ଓ କଳାବତୀ।

ରାଜ୍ୟ ଓ କେନ୍ଦ୍ର ସରକାର ଲୋକଙ୍କ ସୁବିଧା ପାଇଁ ଅନେକ ଯୋଜନା କରୁଛନ୍ତି। କିନ୍ତୁ ସଚେତନତା ଓ କେତେକ ସ୍ଥାନରେ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁ ସେ ସବୁ ଲୋକଙ୍କୁ ଠିକ୍‌ଭାବେ ମିଳିପାରୁନି। ଏଭଳି ଦେଖିବାକୁ ମିଳିଛି ଉମରକୋଟ ବ୍ଲକ ଚିକଲପଦର ପଞ୍ଚାୟତ ମିଟୁଗୁଡ଼ା ଗ୍ରାମରେ। ଗାଁର ଧବୁଲୁ ହରିଜନ (୫୮) ଓ ତାଙ୍କ ସ୍ତ୍ରୀ କଳାବତୀ(୫୧) ସମସ୍ତ ପ୍ରକାର ସରକାରୀ ଯୋଜନାରୁ ବଞ୍ଚିତ।

ପ୍ରକାଶ ଯେ, ଧବୁଲୁ ଓ କଳାବତୀଙ୍କର ଗୋଟିଏ ଛୋଟିଆ ଅଧା ଭଙ୍ଗା ଆଜବେଷ୍ଟସ୍ ଛପରଘର ରହିଛି। ଆଜ୍‌ବେଷ୍ଟସ୍ ଠା ଠା ଭାଙ୍ଗିଯାଇଥିବାରୁ ଜରି ପକାଇ ରହୁଛନ୍ତି ଦମ୍ପତି। ବୋଝ ଉପରେ ନଳିତାବିଡ଼ା ଭଳି କଳାବତୀ ଅର୍ଦ୍ଧପାଗଳୀ। ଧବୁଲୁ କଥା କହିପାରନ୍ତି ନାହିଁ କି ତାଙ୍କ କାନକୁ ଶୁଭେନାହିଁ। ଦେହସାରା ବଧିରା ଛଉ। ଏପରି ଅବସ୍ଥାରେ ପୁଅ ବୁଢ଼ା ମା' ବାପାଙ୍କୁ ନ ପଚାରି ଅନ୍ୟତ୍ର ଅଲଗା ରହୁଛି। ଏପରି ଅବସ୍ଥାରେ ରହିଥିଲେ ମଧ୍ୟ ସେମାନଙ୍କ ପାଖରେ ସରକାରୀ ଯୋଜନା ଅପହଞ୍ଚ। ଆଜି ପର୍ଯ୍ୟନ୍ତ ସେମାନଙ୍କର ଆଧାର କାର୍ଡ, ରାଶନ କାର୍ଡ ନାହିଁ। ଆବାସ ଯୋଜନାରେ ଘର ପାଇବେ ବା କୋଉଁଠୁ। ଗ୍ରାମବାସୀଙ୍କ ହାତ ଟେକାରେ ସେମାନଙ୍କ ସଂସାର ଚଳେ। ଏମାନଙ୍କୁ ସରକାରୀ ଯୋଜନାରେ ସାମିଲ କରାଯାଉ ବୋଲି ଗ୍ରାମବାସୀ ଅନୁରୋଧ କରିଛନ୍ତି। ସରପଞ୍ଚ, ପଞ୍ଚାୟତ ଅଫିସର ଏଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ। କିନ୍ତୁ ସେମାନେ କିଛି ପଦକ୍ଷେପ ନେଉନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପଞ୍ଚାୟତ ଅଫିସର ନିତ୍ୟାନନ୍ଦ ନାୟକଙ୍କୁ ପଚାରିବାରୁ ବୃଦ୍ଧ ଦମ୍ପତିଙ୍କୁ ସରକାରୀ ସହାୟତା ଯୋଗାଇବା ଦିଗରେ ଦୃଷ୍ଟି ଦେବେ ବୋଲି କହିଛନ୍ତି। ଏ ନେଇ ଉମରକୋଟ ବିଡିଓ ଦେବୀପ୍ରସାଦ ଟାଲିଙ୍କୁ ପଚାରିବାରୁ, ଏଭଳି ଘଟଣା ମୋ ନଜରକୁ ଆସିନାହିଁ। ଆପଣଙ୍କ ମାଧ୍ୟମରେ ମୁଁ ଜାଣିବାକୁ ପାଇଲି। ଏ ବିଷୟରେ ଅନୁଧ୍ୟାନ କରି ରାଶନ କାର୍ଡ କରିବା ସହ ଭତ୍ତା ଯୋଗାଣ ବ୍ୟବସ୍ଥା କରିବି। ଆବାସ ଯୋଜନାରେ ସେମାନେ କିପରି ଘର ପାଇପାରିବେ ସେ ନେଇ ଚେଷ୍ଟା କରିବେ ବୋଲି ବିଡିଓ କହିଛନ୍ତି।

**ଜିଲାରେ ଉର୍ଦ୍ଧ୍ୱଗାମୀ ହେଉଛି କରୋନା : ୭୬ ପଜିଟିଭ ଚିହ୍ନଟ**

କୋରାପୁଟ,(ସ୍ୱ.ପ୍ର.)- କୋରାପୁଟ ଜିଲାରେ କରୋନା ଉର୍ଦ୍ଧ୍ୱଗାମୀ ହେବାରେ ଲାଗିଛି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ମଙ୍ଗଳବାର ଜିଲାରୁ ୭୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ପୌରାଞ୍ଚଳରୁ ଜଣେ, ଜୟପୁର ପୌରାଞ୍ଚଳରୁ ୧୭, ସୁନାବେଡ଼ା ପୌରାଞ୍ଚଳରୁ ୮ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ବନ୍ଧୁଗାଁ ବ୍ଲକରୁ ୩ ,ବୋରିଗୁମ୍ମା ବ୍ଲକରୁ ୬, ଜୟପୁର ବ୍ଲକରୁ ୩, କୋରାପୁଟ ବ୍ଲକରୁ ୧୮, କୋଟପାଡ ବ୍ଲକରୁ ୪, ଦଶମନ୍ତପୁର ବ୍ଲକରୁ ୪, କୁନ୍ଦୁରା ବ୍ଲକରୁ ଜଣେ, ଲକ୍ଷ୍ମୀପୁର ବ୍ଲକରୁ ୫, ନନ୍ଦପୁର ବ୍ଲକରୁ ୨ ଏବଂ ସେମିଳିଗୁଡା ବ୍ଲକରୁ ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ୨୯ କରୋନା ଆକ୍ରାନ୍ତ ଚିହ୍ନଟ

**ମାଲକାନଗିରି,୨୭।୪(ଡି.ଏନ୍.ଏ.):** ମାଲକାନଗିରି ଜିଲାରେ ମଙ୍ଗଳବାର ୨୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମାଲକାନଗିରି ପୌର ପରିଷଦ ଅଞ୍ଚଳରୁ ୬ ଜଣ, ବାଲିମେଳା ଏନ୍ଏସିରୁ ୪, ମାଲକାନଗିରି ବ୍ଲକରୁ ୫, ମାଥିଲି ବ୍ଲକରୁ ୩, ଖଇରପୁଟ ବ୍ଲକରୁ ୬, ଚିତ୍ରକୋଣ୍ଡା ବ୍ଲକରୁ ୨ ଓ ପଡ଼ିଆ ବ୍ଲକରୁ ୩ ଜଣ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଜଣାପଡ଼ିଛି । ଅନ୍ୟପକ୍ଷରେ ପ୍ରତ୍ୟହ ଆନ୍ଧ୍ର ଓ ତେଲଙ୍ଗାନାରୁ ବହୁ ସଂଖ୍ୟାରେ ପ୍ରବାସୀ ଶ୍ରମିକ ମାଲକାନଗିରି ଜିଲାର ମୋଟୁ ସୀମାନ୍ତ ଦେଇ ପ୍ରବେଶ କରୁଛନ୍ତି। ୨୬ ତାରିଖ ସନ୍ଧ୍ୟା ୬ଟା ସୁଦ୍ଧା ୬୦୨୩ ଜଣ ପ୍ରବାସୀ ମୋଟୁ ସୀମାନ୍ତ ଦେଇ ଆସିଥିବା ଜଣାପଡିଛି। ସେଥିରୁ ୩୭୪୮ ଜଣ ମାଲକାନଗିରି ଜିଲାର ହୋଇଥିବା ବେଳେ ୧୮୭୮ ଜଣ ଅନ୍ୟ ଜିଲାର ଏବଂ ୩୯୭ ଜଣ ଅନ୍ୟ ରାଜ୍ୟର ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଆସୁଥିବା ଶ୍ରମିକଙ୍କ ବିବରଣୀ ପ୍ରସ୍ତୁତ କରାଯାଇ ଥର୍ମାଲ ଟେଷ୍ଟ କରାଯାଉଛି । ଅନ୍ୟ ରାଜ୍ୟରୁ ଆସୁଥିବା ପ୍ରବାସୀଙ୍କୁ ୭୨ ଘଣ୍ଟା ମଧ୍ୟରେ ଆର୍‌ଟି-ପିସିଆର୍ ଟେଷ୍ଟ ରିପୋର୍ଟ ଓ ୨ ଥର ଟିକା ନେଇଥିବା ରିପୋର୍ଟ ଯାଞ୍ଚ ପରେ ଜିଲାକୁ ପ୍ରବେଶ ଅନୁମତି ମିଳିଛି।

### ଆନ୍ଦୋଳନ କରିବେ ପ୍ରାଣୀ ଚିକିତ୍ସକ

**ମାଲକାନଗିରି,୨୭।୪(ଡି.ଏନ୍.ଏ.):** ମାଲକାନଗିରି ଜିଲା ମାଥିଲି ବ୍ଲକରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନେ ଆନ୍ଦୋଳନ କରିବାକୁ ମଙ୍ଗଳବାର ଚେତାବନୀ ଦେଇଛନ୍ତି। ଲକ୍‌ଡାଉନ, ଶଟ୍‌ଡାଉନ ଭଳି ପରିସ୍ଥିତିରେ ନିଜର ପରିବାରକୁ ପଛରେ ପକାଇ ସେମାନେ ନିଷ୍ଠାପର ଭାବେ କାର୍ଯ୍ୟ କରିଛନ୍ତି। ଅଥଚ ସେମାନଙ୍କୁ ଏଯାଏ ସରକାର କରୋନା ଯୋଦ୍ଧାର ମାନ୍ୟତା ଦେଇନାହାନ୍ତି। ଗତ ୧୫ ବର୍ଷ ମଧ୍ୟରେ ସାଧାରଣ ଡାକ୍ତରଙ୍କ ପରି କନିଷ୍ଠ ପ୍ରଥମ ଶ୍ରେଣୀ ବର୍ଗରେ ନିଯୁକ୍ତି ପାଇଁ ପ୍ରାଣୀ ଚିକିତ୍ସକମାନେ ଦାବି ଉପସ୍ଥାପନ କରି ଆସୁଥିଲେ ମଧ୍ୟ ସରକାର ଭିତ୍ତିହୀନ କାରଣ ଦର୍ଶାଇ ଏହାକୁ ଏଡାଇ ଦେଇଛନ୍ତି। ସେମାନଙ୍କ ଦାବି ପୂରଣ ନ ହେଲେ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ, ଡିଜିଟାଲ ସେବା ବର୍ଜନ, ମେ ୧ରୁ କଲମ ଛାଡ଼ ମେ ୧୫ରୁ ସମୂହ ଛୁଟି ନେଇ ପ୍ରତିବାଦ ଜଣାଇବେ। ସରକାର ଏହାକୁ ଗୁରୁତ୍ୱ ଦେଇ ପଦକ୍ଷେପ ନ ନେଲେ ମେ ୨୫ରୁ ବ୍ଲକର ସମସ୍ତ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି।

### ଭିମେଙ୍କୁ ମିଳିନି ପ୍ରଶାସନିକ ସହାୟତା



**ଏମଭି ୭୯,୨୭।୪(ଡି.ଏନ.ଏ.):** ମାଲକାନଗିରି ଜିଲା କାଲିମେଳା ବ୍ଲକ ଗିନିପାଲିଗୁଡା ଗ୍ରାମର ଭିମେ କର୍ମାଙ୍କ ଦୁଇବର୍ଷ ତଳେ ସ୍ୱାମୀ ଜଗା କର୍ମାଙ୍କ ମୃତ୍ୟୁ ହୋଇଥିଲା। ଏହାପରଠାରୁ ଭିମେ ୬ବର୍ଷର ପୁଅକୁ ଧରି ଦୁଃଖକଷ୍ଟରେ ଚଳୁଛନ୍ତି। ସହିତ ବିପଦସଙ୍କୁଳ ଅବସ୍ଥାରେ ଥିବା ଝାଟିରେ ତିଆରି ଭଙ୍ଗା ଘରେ ରହୁଛନ୍ତି। ତାଙ୍କ ପାଖରେ ଏଯାଏ କୌଣସି ସରକାରୀ ସୁବିଧା ପହଞ୍ଚିନାହିଁ। ଏପରିକି ଆଧାର କାର୍ଡ ମଧ୍ୟ ତାଙ୍କର ନାହିଁ। ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଏବଂ ଭିକ ମାଗି ଚଳୁଛନ୍ତି। ବର୍ଷା ହେଲେ ଅବା ବର୍ଷା ଦିନେ ତାଙ୍କ ଅବସ୍ଥା ଦେଖିସହି ହେଉନାହିଁ ବୋଲି କେତେକ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ଅସହାୟ ପରିବାର ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏସମ୍ପର୍କରେ ବିଡିଓ ଉମା ଶଙ୍କର ଦଳେଇଙ୍କୁ ଜଣାଇବା ପରେ ସେ ଏହାର ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

**କୁଡୁମୁଲୁଗୁମ୍ମା,୨୭।୪:** ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ଅଞ୍ଚଳରେ ଜଣେ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ତାଙ୍କ ନାମ ପ୍ରମୋଦ କୁମାର ପଣ୍ଡା (୪୦)। ସେ କୁଡୁମୁଲୁଗୁମ୍ମାସ୍ଥିତ ବିଏସ୍ଏନ୍ଏଲ୍ ଟାୱାର ପରିଚାଳନା ପାଇଁ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିଲେ। ସୋମବାର ରାତିରେ ସେ ଟାୱାରର ଏକ ବିଦ୍ୟୁତ୍ ଉପକରଣ ସଜାଡୁଥିବା ବେଳେ ବିଦ୍ୟୁତ୍ ଆଘାତ ଯୋଗୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ଅବହେଳିତ ଅବସ୍ଥାରେ ୨୬ ଉପ ସ୍ୱାସ୍ଥ୍ୟକେନ୍ଦ୍ର

**ନନ୍ଦପୁର,୨୭।୪(ଡି.ଏନ.ଏ.)**

କୋରାପୁଟ ଜିଲା ନନ୍ଦପୁର ବ୍ଲକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୨୬ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହି ୨୬ ଉପ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ୧୬ଟି ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନାହିଁ। ଗୃହ ଥିବା ୧୦ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥା ଶୋଚନୀୟ ହୋଇପଡ଼ିଲାଣି। କୋଉଁଠି ଛାତ ଉଡ଼ିଯାଇଛି, କୋଉଁଠି ଜଳଯୋଗାଣ ବ୍ୟବସ୍ଥା ନାହିଁ। କୋଉଁଠି ଶୌଚାଳୟ ନାହିଁ ତ କୋଉଁଠି ବିଦ୍ୟୁତ୍ ସଂଯୋଗ ନାହିଁ। ଗୃହ ନ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ହେଲା ଜିରା, ହାତିବାରୀ, କଣ୍ଟା, ଦୋରା ସୁଲାର, ଖମରା , ବା , ଭେଜା, ନାନ୍ଦକା, ରାଇସିଂହ , ଥୁବା , ବିଜାପୁର , ହିଁକ୍ଷୁଟ, ବନମାଳିପୁଟ। ଅଣ୍ଡରଗଡା ଓ ଦାର୍ଲିପୁଟ ସ୍ୱାସ୍ଥ୍ୟକେନ୍ଦ୍ରର କୋଠା ନିର୍ମାଣ ସରିଥିଲେ ମଧ୍ୟ ତାହା ହସ୍ତାନ୍ତର ହୋଇନାହିଁ। ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ଭିତ୍ତିଭୂମି ବିକାଶ ଲାଗି ପ୍ରଶାସନ ଗୁରୁତ୍ୱ ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।



ଚାଟୁଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଆଜବେଷ୍ଟସ ନାହିଁ।

# କାଟ୍ ଖାଇଲା ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ

**ନନ୍ଦପୁର,୨୭।୪ (ଡି.ଏନ.ଏ.)**

କୋରାପୁଟ ଜିଲା ନନ୍ଦପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ବାସୁଦେବ ଖରାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଛି। ପଞ୍ଚାୟତର ନାଏବ ସରପଞ୍ଚଙ୍କ ସହ ୯ ଜଣ ୱାର୍ଡ ସଭ୍ୟାସଭ୍ୟ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ କିଛି ଦିନ ତଳେ କୋରାପୁଟ ଉପ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଏହାକୁ ଭିତ୍ତି କରି ଉପ ଜିଲାପାଳ ତାଙ୍କ ପତ୍ର ସଂଖ୍ୟା ୬୯୪/୨୧ ଅନୁସାରେ ଏଥିପାଇଁ ମଙ୍ଗଳବାର ଭୋଟ ଗ୍ରହଣ ପାଇଁ ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କୁ ନୋଟିସ କରିଥିଲେ। ନନ୍ଦପୁର ତହସିଲଦାର ନରସିଂହ ଗାଦବାଙ୍କୁ ନିର୍ବାଚନ ଅଧିକାରୀ ଏବଂ ବିଡିଓ, କୈଳାସ ଚନ୍ଦ୍ର ଶିଆଳଙ୍କୁ ଏକଜିକ୍ୟୁଟିଭ ଅଧିକାରୀ ରୂପେ ସବ୍‌ଡିଭିଜନ ପଞ୍ଚାୟତ ଅଧିକାରୀ ଭାବେ ଏସ୍‌ଭିଏସ୍ ଶର୍ମା ଦାୟିତ୍ୱରେ ଥିଲେ। ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ରୁ ସାଢେ ୧୨ଟା ମଧ୍ୟରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇ ଭୋଟ ଗ୍ରହଣ ଲାଗି ସ୍ଥିର ହୋଇଥିଲା। ମାତ୍ର କୌଣସି ସଭ୍ୟାସଭ୍ୟ ନ ଆସିବାରୁ ନିର୍ବାଚନ ଅଧିକାରୀ ଗାଦବା ଅନାସ୍ଥା ପ୍ରସ୍ତାବ କାଟ ଖାଇଲା ବୋଲି ଘୋଷଣା କରିଥିଲେ। ଏହି ସମୟରେ ଜିପିଓ ବେଦାନ୍ତ ମାଝି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଉମ୍ବରୁଧର ପାଙ୍ଗୀ, ଥାନା ଅଧିକାରୀ କପିଳେଶ୍ୱର ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# କୋଭିଡ୍ ହସ୍ପିଟାଲରେ ଲାଗିପାରୁନି ଭେଣ୍ଟିଲେଟର

**ଜୟପୁର,୨୭।୪(ନି.ପ୍ର.)**

କୋରାପୁଟ ଜିଲାର ଜୟପୁରଠାରେ ଥିବା କୋଭିଡ୍ ହସ୍ପିଟାଲରେ ଏଯାଏ ଭେଣ୍ଟିଲେଟର ଲାଗିପାରିନାହିଁ। କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ବେଳେ ଭେଣ୍ଟିଲେଟର ଲାଗିବାରେ ବିଳମ୍ବ ଯୋଗୁ ରୋଗୀ ଅସୁବିଧାର ସମ୍ମୁଖୀନ ହେବେ। ଏବେ କୋଭିଡ୍ ହସ୍ପିଟାଲରେ ୭ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ଅବସ୍ଥା ଭଲ ରହିଛି। ଜିଲା କୋଭିଡ୍ ହସ୍ପିଟାଲ ପ୍ରସ୍ତୁତ ପାଇଁ ସରକାରଙ୍କ ନିର୍ଦ୍ଦେଶ ଆସିବା ପରେ ବର୍ତ୍ତମାନ ପାଇପଲାଇନ କାମ ଆରମ୍ଭ ହୋଇଛି। ଏ ସମ୍ପର୍କରେ ଡା. ଆଶିଷ ପାଣିଗ୍ରାହୀ କହିଛନ୍ତି କୋଭିଡ୍ ସେଣ୍ଟରକୁ ଜିଲାପାଳ ପରିଦର୍ଶନ କରି ଫେରିଛନ୍ତି। ପାଇପ ଲାଇନ ମାଧ୍ୟମରେ ଭେଣ୍ଟିଲେଟର କରାଯାଉଥିବା ଯୋଗୁ ଏହା କାର୍ଯ୍ୟ ଶେଷ ହେବାକୁ ବିଳମ୍ବ ହେଉଛି। ପାଇପଲାଇନ ଟେକ୍ନିସିଆନ ଆସିବା ପରେ ପୂର୍ତ୍ତ ବିଭାଗ ସହାୟତାରେ ଭେଣ୍ଟିଲେଟରକୁ ଅକ୍ସିଜେନ ପାଇପ ସଂଯୋଗ କରାଯିବ। ଏହି ଭେଣ୍ଟିଲେଟରକୁ ଆନେସ୍ଥେସିଆ ଡାକ୍ତର ଚଳାଇବେ। ଏବେ ଗୁରୁତର ରୋଗୀଙ୍କୁ କୋରାପୁଟ ପଠାଯାଉଥିବା ଡା. ପାଣିଗ୍ରାହୀ କହିଛନ୍ତି। ସୂଚନାଯୋଗ୍ୟ, ଜିଲାରେ ଯେତିକି କରୋନା ସଂକ୍ରମିତ ଚିହ୍ନଟ ହେଉଥିବା ପ୍ରଶାସନ ରିପୋର୍ଟ ଅନୁସାରେ ଜଣାପଡୁଛି ତା'ଠାରୁ ଅଧିକ ଲୋକ ସଂକ୍ରମିତ ହେଉଛନ୍ତି। ଯେଉଁମାନେ ଭୟରେ ହେଉ ଅବା ସାମାଜିକ କାରଣ ହେତୁ ଡାକ୍ତରଖାନା ନ ଆସି ଘରୋଇ ଚିକିତ୍ସାରେ ଭଲ ହେବାକୁ ଉଦ୍ୟମ କରୁଛନ୍ତି।



ଜୟପୁର କୋଭିଡ୍ ହସ୍ପିଟାଲ।

# ମୃତବ୍ୟକ୍ତିଙ୍କ ଆକାଉଣ୍ଟକୁ ଗଲା ହିତାଧିକାରୀଙ୍କ ଅର୍ଥ

**ବୈପାରିଗୁଡା,୨୭।୪(ଡି.ଏନ.ଏ.)**

ବୈପାରିଗୁଡ଼ା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଓ ହେରଫେର ନେଇ ଏବେ ପୁଣି ଏକ ଅଭିଯୋଗ ଆସିଛି। ବ୍ଲକର ବାଲିଗାଁ ପଞ୍ଚାୟତ କୁଟୁଗୁଡା ଗ୍ରାମର ଜଣେ ହିତାଧିକାରୀ ଏହି ଅଭିଯୋଗ କରିଛନ୍ତି। କୁଟୁଗୁଡା ଗ୍ରାମର ଗୋବରୁ ପୂଜାରୀଙ୍କ ୨୦୧୯-୨୦ରେ ଏକ ଆବାସ ଗୃହ ଅନୁମୋଦନ ହୋଇଥିଲା । ସେତେବେଳେ ତାଙ୍କଠାରୁ ଆବଶ୍ୟକ କାଗଜପତ୍ର ମଗାଯିବାରୁ ସେ ନିଜର ତଥା ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା ପାସ୍‌ବୁକ୍ ଦେଇଥିଲେ। ପରେ ସେ ବ୍ଲକ କାର୍ଯ୍ୟାଳୟକୁ ଯାଇ ଗୋବରୁ ବୁଝିବାରୁ ତାଙ୍କ ଆକାଉଣ୍ଟକୁ ଛଡ଼ାଯାଇଥିବା ପ୍ରଥମ କିସ୍ତିର ୨୦ ହଜାର ଟଙ୍କା ଭୁଲ୍‌ରେ ଅନ୍ୟ ଜଣଙ୍କ ଜମାଖାତାକୁ ଚାଲିଯାଇଛି । ସେ ହେଲେ ସେହି ପଞ୍ଚାୟତର ପେଟାଲାଡି ଗ୍ରାମର ଜଣେ ମୃତ ମହିଳା ନେତ୍ରମଣି କର୍ଲିଆ । ଗତ ଫେବୃୟାରୀ ୮ ତାରିଖରେ ଏ ସମ୍ପର୍କରେ ବିଡିଓ ତାଙ୍କ ପତ୍ରସଂଖ୍ୟା ୨୫୪ରେ ସ୍ଥାନୀୟ ଆଇଓବି ମ୍ୟାନେଜରଙ୍କୁ ଚିଠି ଲେଖି ପ୍ରକୃତ ହିତାଧିକାରୀ ଗୋବରୁଙ୍କ ଜମାଖାତାକୁ ଟଙ୍କା ଟ୍ରାନ୍ସଫର କରିବାକୁ ଜଣାଇଥିଲେ । ପରେ ଗୋବରୁଙ୍କୁ ମଧ୍ୟ ଉକ୍ତ ପତ୍ରର ନକଲ ଦେଇ ବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ବିଡିଓ ପରାମର୍ଶ ଦେଇଥିଲେ। ସେବେଠାରୁ ଗୋବରୁ ବ୍ୟାଙ୍କ ଓ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ିଦୌଡ଼ି ହତାଶ ହେଲେଣି ।

# ପ୍ରତିଶ୍ରୁତି ପରେ ଶାନ୍ତ ପଡିଲେ ସ୍ୱାବଲମ୍ବୀ କାରିଗର

## ଜଣେ କାରିଗରଙ୍କୁ ପୋଲିସର ମାଡ଼ ଘଟଣା



ସ୍ୱାବଲମ୍ବୀ କାରିଗରମାନେ ମିଳିତ ଭାବେ ପ୍ରତିବାଦ ଜଣାଉଛନ୍ତି।

**ବୈପାରିଗୁଡା,୨୭।୪(ଡି.ଏନ.ଏ.)**

ବୈପାରିଗୁଡା ବିଡିଓ ଏବଂ ସରପଞ୍ଚଙ୍କ ନିର୍ଦ୍ଦେଶରେ ରବିବାର ଚନ୍ଦ୍ରପଡା ପଞ୍ଚାୟତର ସ୍ୱାବଲମ୍ବୀ କାରିଗର କର୍ଣ୍ଣ ବୋଦା କେତେ ଜଣ ସହକର୍ମୀଙ୍କୁ ସାଙ୍ଗରେ ଧରି ପ୍ରଧାନିଗୁଡା ଗ୍ରାମକୁ ନଳକୂପ ଓ ପାଇପ ଜଳ ପ୍ରକଳ୍ପ ସଜାଡିବାକୁ ଯାଇଥିଲେ। ସେମାନେ ଏହି କାର୍ଯ୍ୟ ସାରି ସନ୍ଧ୍ୟାରେ ଗ୍ରାମକୁ ଫେରୁଥିବା ବେଳେ ବାଟରେ ଏକ ଗାଡିରେ ଆସୁଥିବା କେତେକ ପୋଲିସ ସେମାନଙ୍କୁ ଅଟକାଇ ପଚରାଉଚରା କରିଥିଲେ। ସେମାନେ ପାଣି ପାଇପ୍ କର୍ମଚାରୀ ବୋଲି ପରିଚୟ ଦେବା ସହ ଆଇଡେଣ୍ଟି କାର୍ଡ ଦେଖାଇ ଥିଲେ। ଗାଡିରେ ସାଦା ପୋଷାକରେ ଥିବା ଜଣେ ପୋଲିସ ଅଧିକାରୀ କିଛି ନ ଶୁଣି ହାତରେ ଧରିଥିବା ଏକ ପ୍ଲାଷ୍ଟିକ୍ ପାଇପ୍‌ରେ କର୍ଣ୍ଣଙ୍କୁ ବାଡେଇଥିଲେ। ତାଙ୍କଠାରୁ ଆଇ କାର୍ଡଟିକୁ ଛଡେଇ ନେଇଥିଲେ। ଆହତ ଅବସ୍ଥାରେ ତାଙ୍କୁ ଗ୍ରାମବାସୀ ଉଦ୍ଧାର କରି ସୋମବାର ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ଏ ସଂପର୍କରେ ସେ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ମଙ୍ଗଳବାର ବ୍ଲକ ସ୍ୱାବଲମ୍ବୀ କାରିଗର ସଂଘ ସଦସ୍ୟମାନେ ଜାଣିବା ପରେ ଏକାଠି ହୋଇ କର୍ଣ୍ଣଙ୍କ ସପକ୍ଷରେ ବାହାରିଥିଲେ। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ବିଡିଓଙ୍କଠାରୁ ଖବର ପାଇ ଜୟପୁର ଏସଡିପିଓ ବୈପାରିଗୁଡାରେ ପହଞ୍ଚି କାରିଗରମାନଙ୍କ ସହ ଆଲୋଚନା କରିଥିଲେ। ଆଗକୁ ଏପରି ଘଟଣା ଆଉ ଘଟିବ ନାହିଁ। ବ୍ଲକ ପ୍ରଶାସନ ଓ ପୋଲିସ୍ ପକ୍ଷରୁ ମିଳିତ ଭାବେ ସେମାନଙ୍କୁ ଆଇ କାର୍ଡ ଦେବାକୁ ପ୍ରତିଶ୍ରୁତି ଦେବା ପରେ କାରିଗରମାନେ ଶାନ୍ତ ପଡିଥିଲେ।

# ଆଦିବାସୀ ପାଳିଲେ ଚଇତି ପରବ

**ସେମିଳିଗୁଡା,୨୭।୪(ସ୍ୱ.ପ୍ର.)**

ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ଚଇତି ପରବ କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକର ଦଳେଇଗୁଡ଼ା, ଚାରାଗାଁ, ଥାଟପଦରଗୁଡା, ଫୁଲଡବା, ବିଲେଇଗୁଡା, ଦୁସୁରା, ସୁବାଇ, ଗୁଣ୍ଡାପୁଟ, ମାଲିଗୁଞ୍ଜି, ରେଙ୍ଗା, ହାଟଗୁଡା, କୁନ୍ଦୁଲି,ଦୁଧାରି, ସୁଣ୍ଡିପୁଟ, କାଣ୍ଟି, ବାରକୁରୁଣି, ମନ୍ଦାରଗୁଡା,ଗୁଲେଲ ଓ ବରଗୁଡା ଗ୍ରାମରେ ପାଳିତ ହୋଇଛି। ପ୍ରଥମେ ଏହି ପରବର ନୀତି ନିର୍ଦ୍ଧାରଣ ପାଇଁ ପ୍ରତ୍ୟେକ ଗ୍ରାମରେ ବରିଷ୍ଠ ବ୍ୟକ୍ତିଙ୍କୁ ନେଇ ବୈଠକ ବସେ। ପରେ ଗ୍ରାମର ମୁଖ୍ୟ ପୂଜକ ତଥା ମୁଖ୍ୟ ଦିଶାରୀ ଗ୍ରାମ ମୁଣ୍ଡରେ ଥିବା ଗ୍ରାମଦେବୀଙ୍କୁ ଗ୍ରାମବାସୀଙ୍କ ଶୁଭ କାମନା ମନାସି ଭଲ ଚାଷ, ଭଲ ସ୍ୱାସ୍ଥ୍ୟ ଓ ଭଲ ବର୍ଷା ପାଇଁ ଗ୍ରାମଦେବୀଙ୍କଠାରେ ପୂଜାର୍ଚ୍ଚନା କରନ୍ତି। ପରେ ଗାଁ ଦିଶାରୀ ପରବ ଦିନ ଧାର୍ଯ୍ୟ କରନ୍ତି। ପରେ ଗ୍ରାମବାସୀ ପରବ ପାଳିବା ଆରମ୍ଭ କରନ୍ତି। ଆଦିବାସୀ ପରମ୍ପରାରେ ନୀତିକାନ୍ତି ସହ ଗ୍ରାମଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇ ଆମ୍ବଗଛର ଛୋଟ ଆମ୍ବକୁ ସମର୍ପଣ କରାଯାଏ। ପରେ ପ୍ରତି ଘରେ ସମସ୍ତେ ଆମ୍ବ ଖାଇବା ସହ ନୂତନ ବସ୍ତ୍ର ପରିଧାନ କରିଥାନ୍ତି। ପରେ ଗ୍ରାମର ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଥାଳିରେ ଫୁଲ ହଳଦୀ ଚାଉଳ ଓ ଚନ୍ଦନ ଧରି ଗାଁ ରାସ୍ତାରେ ବାଉଁଶ ଅବା ରଶି ବାନ୍ଧି ରାସ୍ତା ଅବରୋଧ କରି ସେହି ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ମଥାରେ ହଳଦୀ ଚାଉଳ ସହ ଫୁଲ ପକାଇ କିଛି ଟଙ୍କା ମାଗିଥାନ୍ତି ଏହି ଅର୍ଥରେ ଗାଁର ସମସ୍ତେ ପରବ ପାଳନ କରନ୍ତି। ଗାଁର ଯୁବକମାନେ ହାତରେ ଧନୁତୀର, ଠେଙ୍ଗା, ଟାଙ୍ଗିଆ,ଫାର୍ସା ଆଦି ଧରି ସାନ ବେଣ୍ଟ ଓ ଦିନକ ପରେ ବଡ ବେଣ୍ଟ ଶିକାର ଅନ୍ୱେଷଣରେ ଅଞ୍ଚଳରେ ଥିବା ବିଭିନ୍ନ ଜଙ୍ଗଲକୁ ଯାଆନ୍ତି। ବେଣ୍ଟ ଶିକାରରେ ଜନ୍ତୁ ମିଳିଲେ ତାକୁ ଶିକାର କରିଆଣି ତା'ର ମାଂସକୁ ଗ୍ରାମବାସୀ ବାଣ୍ଟି ଖାଇଥାନ୍ତି।



ଆଦିବାସୀମାନେ ରାସ୍ତାରେ ରଶି ବାନ୍ଧି ଲୋକଙ୍କୁ ଟଙ୍କା ମାଗୁଛନ୍ତି।

# ରାସ୍ତାକଡ଼ ବ୍ୟବସାୟୀଙ୍କୁ ପଡ଼ିଆକୁ ସ୍ଥାନାନ୍ତର କଲା ପ୍ରଶାସନ

**କୋରାପୁଟ,୨୭।୪(ସ୍ୱ.ପ୍ର.)**

କୋରାପୁଟ ସହରରେ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ରାସ୍ତା କଡରେ ବସି ବ୍ୟବସାୟ କରି ରାସ୍ତା ଅବରୋଧ କରୁଥିବା ସମସ୍ତ ଛୋଟବଡ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି । ଏମାନଙ୍କୁ ସହରର ଦୁଇଟି ସ୍ଥାନ ଯଥା ଚନ୍ଦନ ପୋଖାରୀ ଛକ ନିକଟରେ ହୋଇଥିବା ନୂତନ ହାଟ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ପଡିଆକୁ ସ୍ଥାନାନ୍ତର କରାଯାଇଛି । ଜିଲାପାଳ ଅବଦାଲ ମହମ୍ମଦ ଅଖତାରଙ୍କ ନିର୍ଦ୍ଦେଶରେ ଜିଲା ପ୍ରଶାସନ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ତେବେ ପ୍ରଶାସନର ଏପରି ତରବରିଆ ପଦକ୍ଷେପରେ ଛୋଟ ଛୋଟ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଜିଲା ପ୍ରଶାସନ ବଡ ବ୍ୟବସାୟୀଙ୍କୁ ଛାଡି କେବଳ ଛୋଟ ଉଠାଦୋକାନୀଙ୍କୁ ଉପରୋକ୍ତ ପଡିଆକୁ ସ୍ଥାନାନ୍ତର କରିଛି। ସେଠାରେ ପ୍ରଶାସନ କେବଳ ଗୋଟିଏ ପାଣି ଟାଙ୍କି ରଖି ନିଜ ଦାୟିତ୍ୱ ଶେଷ କରିଛି। ପ୍ରବଳ ଖରାରେ ଏହି ଖୋଲା ପଡିଆରେ ଆମେ କିପରି ପନିପରିବା ବିକ୍ରି କରିବୁ ବୋଲି ବ୍ୟବସାୟୀ ରଇମତୀ ନାୟକ, ଡି ମାଳି , ଏସ ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏଠାରେ ବଜାର ପାଇଁ ଜିଲା ପ୍ରଶାସନ ପକ୍ଷରୁ କିଛି ଆନୁସଙ୍ଗିକ ବ୍ୟବସ୍ଥା କରାଯାଇ ନ ଥିବାରୁ ସେମାନଙ୍କ ପନିପରିବା ଖରାରେ ଶୁଖି ନଷ୍ଟ ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। କୋରାପୁଟ ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ଏହି ଉଠାଦୋକାନଙ୍କ ଯୋଗୁ ଟ୍ରାଫିକ ସମସ୍ୟା ସହିତ ଲୋକଙ୍କ ଗହଳି ହେଉଛି । ବର୍ତ୍ତମାନ କରୋନା ପରିପେକ୍ଷୀରେ ସାମାଜିକ ଦୂରତା ଅବଲମ୍ବନ କରିବା ଲାଗି ତହସିଲଦାର ଓ ପୋଲିସ କୋରାପୁଟ ଦେଇ ଯାଇଥିବା ଜୟପୁର ରାସ୍ତାର ଉଭୟ ପାର୍ଶ୍ୱରେ ବସିଥିବା ଉଠା ବ୍ୟବସାୟୀଙ୍କୁ ଉଠାଯାଇ ସେମାନଙ୍କୁ ସହରର ଅନ୍ୟ ଦୁଇଟି ସ୍ଥାନରେ ବ୍ୟବସାୟ କରିବାକୁ କୁହାଯାଇଛି । ରାସ୍ତାକଡରୁ ଅନ୍ୟତ୍ର ସ୍ଥାନାନ୍ତର ହେଉଥିବା ଏହି ବ୍ୟବସାୟୀଙ୍କୁ ପୌର ପରିଷଦ ପକ୍ଷରୁ ଭେଣ୍ଡିଂ ଜୋନ କରି ଯୋଗାଇ ଦେବାକୁ ଦାବି ହେଉଛି ।



ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିକଟସ୍ଥ ପଡିଆକୁ ସ୍ଥାନାନ୍ତର ହୋଇଥିବା ବ୍ୟବସାୟୀ।

# ୮୦ ପ୍ରତିଶତ ଜଳଯୋଗାଣ ପ୍ରକଳ୍ପ ଅଚଳ

**ଚିତ୍ରକୋଣ୍ଡା,୨୭।୪(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ବିଭିନ୍ନ ପଞ୍ଚାୟତରେ ଆର୍‌ଡବ୍ଲ୍ୟୁଏସ୍ଏସ୍ ବିଭାଗ ଦ୍ୱାରା କରାଯାଇଥିବା ମେଗା ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଏବେ ଫେଲ୍ ମାରିବାକୁ ବସିଛି। ବ୍ଲକ ଅନ୍ତର୍ଭୁକ୍ତ ଦୋରାଗୁଡା ପଞ୍ଚାୟତର ପାଲାମ, ନୂଆଗୁଡା ପଞ୍ଚାୟତର ଆର୍ଏସ୍‌ସି ଏଗାର ନମ୍ବର, ଚିତ୍ରକୋଣ୍ଡା ପଞ୍ଚାୟତର ଚିତ୍ରକୋଣ୍ଡା ଓ ଆର୍ଏସ୍‌ସି ୧୬ ନମ୍ବର, ବଡ଼ପଦର ପଞ୍ଚାୟତର କମାରଗୁଡ଼ା ଓ ବଡ଼ପଦର ଗ୍ରାମରେ ବିଭାଗ ୨୦୧୩-୨୦୧୪ରେ ମେଗା ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ କରିଥିଲା। ଏଥିରେ ପ୍ରାୟ ୨୦ରୁ ୫୦ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା। ଏହା ସତ୍ତ୍ୱେ ଲୋକେ ଏବେ ମୁନ୍ଦାଏ ପାଣି ପାଉନାହାନ୍ତି। ହୋଇଥିବା ୭୦/୮୦ ଭାଗ ପ୍ରକଳ୍ପ ଅଚଳ ହୋଇପଡିଛି। ତେବେ ପ୍ରକଳ୍ପଗୁଡିକ ଅଚଳ ଥିବା ବେଳେ ପଞ୍ଚାୟତକୁ ପ୍ରତିବର୍ଷ ବିଦ୍ୟୁତ୍ ବିଲ୍ ଆସୁଛି। ଏହି ବିଦ୍ୟୁତ୍ କିଏ ବ୍ୟବହାର କରୁଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକଳ୍ପଗୁଡିକର ସମସ୍ୟା ସମ୍ପର୍କରେ ଜିଲା କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ ରାଉତଙ୍କୁ ପଚାରିବାରୁ ସେ ସମସ୍ୟା କ'ଣ ରହିଛି ଅବଗତ ନାହାନ୍ତି। ଏସ୍‌ଡିଓ ଏବଂ ଯନ୍ତ୍ରୀଙ୍କୁ ବୁଝି ପଦକ୍ଷେପ ନେବେ ବୋଲି କହିଛନ୍ତି।

# ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହେଲା ପିଲାଙ୍କ ନାମଲେଖା



ବିଦ୍ୟାଳୟରେ ପିଲାମାନେ ନାମ ଲେଖାଉଛନ୍ତି।

**ମାଲକାନଗିରି,୨୭।୪(ଡି.ଏନ୍.ଏ.)**

ମଙ୍ଗଳବାରଠାରୁ ମାଲକାନଗିରି ଜିଲାର ପ୍ରାଥମିକ ବିଦ୍ୟାଳୟଗୁଡିକରେ ପ୍ରଥମଶ୍ରେଣୀରେ ପିଲାଙ୍କ ନାମଲେଖା ଆରମ୍ଭ ହୋଇଛି। ଜିଲାର ଏକ୍ସବୋର୍ଡ ୟୁପି ସ୍କୁଲ , ତଳସାହି ସ୍କୁଲ ସହ ଅନ୍ୟାନ୍ୟ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ରହି ନାମଲେଖା କାର୍ଯ୍ୟ କରୁଛନ୍ତି। ଏହି ସମୟରେ କୋଭିଡ୍ କଟକଣାକୁ ପାଳନ କରାଯାଇଛି। ସମସ୍ତେ ମାସ୍କ ପରିଧାନ କରିବା ସହ ସାମାଜିକ ଦୂରତା ରଖି ସାନିଟାଇଜର ବ୍ୟବହାର କରୁଛନ୍ତି।

# କୋଭିଡ୍ ନିୟମ ନ ମାନିଲେ ହାଟ ବନ୍ଦ

**ମାଲକାନଗିରି,୨୭।୪(ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ସାପ୍ତାହିକ ହାଟଗୁଡିକରେ ଖାଉଟି ଏବଂ ବ୍ୟବସାୟୀ ମାସ୍କ ବ୍ୟବହାର ନ କରିବା, ସାମାଜିକ ଦୂରତା ରକ୍ଷା କରୁ ନ ଥିବା ଜିଲା ପ୍ରଶାସନ ନଜରକୁ ଆସିଛି। ଉଭୟ ଖାଉଟି ଓ ବ୍ୟବସାୟୀ କୋଭିଡ୍ ନିୟମ ନ ମାନିଲେ ଆଗାମୀ ଦିନରେ ଜିଲା ପ୍ରଶାସନ ବାଧ୍ୟ ହୋଇ ସାପ୍ତାହିକ ହାଟଗୁଡିକୁ ବନ୍ଦ କରିବ ବୋଲି ଉପଜିଲାପାଳ ରାମେଶ୍ୱର ପ୍ରଧାନ କହିଛନ୍ତି। ମଙ୍ଗଳବାର ଜିଲା ସଦର ମହକୁମାର ମାଲକାନଗିରି-ବାଲିମେଳା ରାସ୍ତା ବୁଟିଗୁଡାଠାରେ ଥିବା ସାପ୍ତାହିକ ହାଟରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରି ଜନସାଧାରଣ ଓ ବ୍ୟବସାୟୀଙ୍କୁ ସଚେତନ କରାଯାଇଥିଲା। ଏହି ସମୟରେ ଅନେକେ କୋଭିଡ୍ କଟକଣା ମାନୁ ନ ଥିବା ନଜରକୁ ଆସିଥିଲା। ଆଗାମୀ ଦିନରେ କଟକଣା ନ ମାନିଲେ ହାଟକୁ ବନ୍ଦ କରାଯିବ। ଏହି ସମୟରେ କେତେଜଣ ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଉପଜିଲାପାଳ ପ୍ରଧାନଙ୍କ ସହ ତହସିଲଦାର ଗୁଣନିଧି ନାୟକ, ପୌର ନିର୍ବାହୀ ଅଧିକାରୀ ତ୍ରିଶୂଳ ମାର୍ଡି, ଆଇଆଇସି ରାମପ୍ରସାଦ ନାଗ, ଅତିରିକ୍ତ ତହସିଲଦାର ସୟଦ୍ ସବୀର ଶାହା, ଶ୍ୟାମ ନାୟକ ସାମିଲ ହୋଇଥିଲେ।



ଜିଲା ପ୍ରଶାସନ ପକ୍ଷରୁ ଅଧିକାରୀମାନେ ଲୋକଙ୍କୁ ସଚେତନ କରୁଛନ୍ତି।

